



# ଅଶ୍ୱଗନ୍ଧା

ପୁରାଣରେ ବର୍ଣ୍ଣିତ ଅଛି ଯେ ଅଶ୍ୱଗନ୍ଧା ଓ ଅଁଳା ସେବନ ଦ୍ୱାରା ରାଜା ଯଯାତି ଓ ଚ୍ୟବନ ଋଷିଙ୍କର ସ୍ୱରୂପ ପରିବର୍ତ୍ତନ ହୋଇ ସେମାନେ ପୁନଃ ଯୌବନପ୍ରାପ୍ତ ହୋଇଥିଲେ । ଏଥିରୁ ଅଶ୍ୱଗନ୍ଧା ଯେ ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବନୌଷଧି ସେକଥା ସହଜରେ ଜଣାଯାଏ । କେତେକଙ୍କ ମତରେ ଏହି ବୃକ୍ଷରୁ ଅଶ୍ୱର ଶକ୍ତି ମିଳୁଥିବାରୁ ଏହାକୁ ଅଶ୍ୱଗନ୍ଧା କୁହାଯାଏ । ଏହି ଔଷଧ ସେବନ କଲେ ଶରୀର ଓ ମନ ଉଭୟ ସୁସ୍ଥ ରହେ ।

ଅଶ୍ୱଗନ୍ଧାର ସ୍ଥାନୀୟ ନାମ ସଂସ୍କୃତ ଭାଷା ଅଶ୍ୱଗନ୍ଧାରୁ ଆସିଅଛି । ଅଶ୍ୱ ଅର୍ଥାତ ଘୋଡା ଏବଂ ଗନ୍ଧ ଅର୍ଥାତ ବାସ୍ନା । ଏହି ଗଛଟି ଘୋଡା ଭଳି ବାସ୍ନା ହେଉଥିବାରୁ ଏହାର 'ଅଶ୍ୱଗନ୍ଧା' କରାଯାଇଛି । ଖ୍ରୀ.ପୂ. ୧୦୦୦ ପୂର୍ବରୁ ଏହା ଏକ ଔଷଧ ରୂପେ ପ୍ରଚଳିତ । ପୁରାତନ ଆର୍ଯୁ୍ୟବେଦ ଶାସ୍ତ୍ରରେ ଅଶ୍ୱଗନ୍ଧା ଏକ ନିହାତି ଦରକାରୀ ଔଷଧ ରୂପେ ବର୍ଣ୍ଣିତ ହୋଇଛି । ଏହି ଗଛ ଭାରତବର୍ଷର ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ହିମାଳୟର ପାଞ୍ଚହଜାର ଫୁଟ ଉଚ୍ଚରେ ଦେଖିବାକୁ ମିଳେ । ଓଡିଶାର ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳଠାରେ ମଧ୍ୟ ଏହି ଗଛ ଦେଖାଯାଏ । ଏହା ଭାରତର ଶୁଖିଲା ଅଞ୍ଚଳର ପତିତ ଜମି ଓ ବନ୍ଧମାନଙ୍କରେ ଦେଖାଯାଏ । ଏବେ ଏହାକୁ ଔଷଧୀୟ ବୃକ୍ଷଭାବେ ଚାଷ କରାଯାଉଛି । ଅଶ୍ୱଗନ୍ଧାର ମୂଳଟି ମାଂସଳ ଏବଂ ଇଷତ୍ ବାଦାମୀ ଧଳାରଙ୍ଗର । ପତ୍ରଗୁଡିକ ଅଣ୍ଡାକୃତି । ଫୁଲ ସବୁ ଇଷତ୍ ସବୁଜ କିମ୍ବା ଇଷତ୍ ହଳଦିଆ ରଂଗର ଏବଂ ବଡ ହୋଇଗଲା ପରେ ଏଗୁଡିକ କମଳା ନାଲି ରଂଗ ଧାରଣ କରେ । ଏହାର ମଞ୍ଜିଗୁଡିକ ହଳଦିଆ ରଂଗର ।

ବୈଜ୍ଞାନିକ ନାମ : ଉଇଥାନିଆ ସୋମନିଫେରା
ବଂଶର ନାମ : ସୋଲାନାସି
ଇଂରାଜୀ ନାମ : ଓ୍ୱିଣ୍ଟର୍ ଚେରୀ
ଅନ୍ୟନାମ : ଅଶ୍ୱଗନ୍ଧା (ଓଡିଆ), ତୁରଙ୍ଗିଗନ୍ଧା (ସଂସ୍କୃତ) ପୁନିର୍, ଅଶ୍ୱଗନ୍ଧା (ହିନ୍ଦୀ) ଅଶ୍ୱଗନ୍ଧା (ବଙ୍ଗଳା), ଅମୁରକୁରାଲେକିଜାଙ୍ଗୁ (ତାମିଲ), ଅସ୍କନ୍ଧଟିଲି (ମରାଠୀ), ଘୋଡାକୁନ, ଅସାନ୍ (ଗୁଜୁରାଟି) ପୁଲିଭେନ୍ଦ୍ରମ, ପାନେରୁଗଡ୍ଡା (ତେଲୁଗୁ), ଅସଗଣ୍ଡ, ଇସଗଣ୍ଡ (ପଞ୍ଜାବୀ), ଚରପୋଟାନ୍ (ରାଜସ୍ଥାନ)

ଏହି ଚେରର ବାସ୍ନା ଉତ୍କଟ ଏବଂ ଏହାର ସ୍ୱାଦ ପିତା । ଚେରରେ ବିଭିନ୍ନ ପ୍ରକାରର ଆଲକାଲଏଡ୍ ଥିବା ଯୋଗୁଁ ଏହା ଔଷଧ ତିଆରିରେ ବ୍ୟବହୃତ ହୁଏ । ପୃଥିବୀର ଅନ୍ୟଜାଗାରେ ମିଳୁଥିବା ଅଶ୍ୱଗନ୍ଧା ଚେରରେ ୪.୩ ପ୍ରତିଶତ ପର୍ଯ୍ୟନ୍ତ ଆଲକାଲଏଡ୍ ଥାଏ । ଭାରତରେ ମିଳୁଥିବା ପ୍ରଜାତିର ଅଶ୍ୱଗନ୍ଧାରେ ୦.୧୩ ରୁ ୦.୩୧ ପ୍ରତିଶତ ପର୍ଯ୍ୟନ୍ତ ଆଲକାଲଏଡ୍ ମହଜୁଦ ଥାଏ । ପ୍ରଜାତିର ପ୍ରକାର

| | | |
|---|---|---|
| ଗଛ | : | ଛୋଟ କିମ୍ବା ମଧ୍ୟମ ଧରଣର ବୁଦାଜାତୀୟ ଗଛ । ଦେଖିବାକୁ ଠିକ୍ ବାଇଗଣ ଗଛ ପରି । ସିଧା , ଧୂସର ରଙ୍ଗର, ଶାଖା ବହୁଳ ଏବଂ ବର୍ଷସାରା ରହେ । ଏହା ହାରାହାରି ୩୦ ସେ.ମି. ରୁ ୧.୫ ମିଟର ଉଚ୍ଚତା ବିଶିଷ୍ଟ ହୋଇଥାଏ । |
| କାଣ୍ଡ | : | କାଣ୍ଡରେ ଛୋଟ ଛୋଟ ଲୋମସବୁ ଥାଏ । ଏହାର ଚେରଗୁଡିକ ଲମ୍ବା । ଡାଳଗୁଡିକ ଅପେକ୍ଷାକୃତଭାବେ ଛୋଟ । |
| ଫୁଲ | : | ଏହା ଡିସେମ୍ବରରୁ ଏପ୍ରିଲ ମାସ ମଧ୍ୟରେ ଫୁଟେ । |
| ପତ୍ର | : | ହାରାହାରି ୧୦ ସେ.ମି ଲମ୍ବା ବିଶିଷ୍ଟ । ଅଣ୍ଡାକୃତି ହୋଇଥାଏ । ୧ ସେ.ମି. ଲମ୍ବର ଫୁଲ ଏଥିରେ ଲାଗିରହିଥାଏ । |
| ଫଳ | : | ଏହା ଜାନୁଆରୀରୁ ଏପ୍ରିଲ ମାସ ମଧ୍ୟରେ ହୋଇଥାଏ । ଏହାର ଫଳଗୁଡିକର ବ୍ୟାସ ୬ ମିଲିମିଟର । ଫଳଗୁଡିକ ମସୃଣ ଓ ଲାଲ ରଂଗର ହୋଇଥାଏ । |
| ମୂଳ | : | ଏହା ସାଧାରଣତଃ ୨୦ ରୁ ୩୦ ସେମି. ଲମ୍ବା ଏବଂ ୬ ରୁ ୧୨ ମିଲିମିଟର ମୋଟା ହୋଇଥାଏ । ଏହି ଚେରରୁ ୨/୩ ଟି ଶାଖା ଚେର ମଧ୍ୟ ବାହାରିଥାଏ । ଏଗୁଡ଼ିକ ମୁଖ୍ୟ ଚେରଠାରୁ ସାମାନ୍ୟ ଛୋଟ ଏବଂ ସିଧା । ଏହି ମୂଳ ସବୁଜ ଏବଂ ବାଦାମୀ-ହଳଦିଆ ରଂଗର । ଏହାର ଚୋପା ଭିତରେ ନରମ ଶସ ଥାଏ ଯାହା ଛିଦ୍ରଯୁକ୍ତ ହୋଇଥାଏ । ଏହାର ସ୍ୱାଦ ପିତା ଓ ଅମ୍ଳଯୁକ୍ତ ହୋଇଥାଏ । |
| ମଞ୍ଜି | : | ଏହାର ମଞ୍ଜିକୁ ସାଧାରଣତଃ ଅକ୍ଟୋବରରୁ ଜାନୁୟାରୀ ମାସ ମଧ୍ୟରେ ସଂଗ୍ରହ କରାଯାଇଥାଏ । ଏହି ମଞ୍ଜିରୁ ଗଛ ହେବା ନିମନ୍ତେ ୨୫ ରୁ ୩୦ ଦିନ ସମୟ ଲାଗିଥାଏ । ଅକ୍ଟୋବରରୁ ଜାନୁୟାରୀ ମାସ ମଧ୍ୟରେ ଏହାକୁ ବୁଣାଯାଇଥାଏ । |
| ଫଳ ଧରିବା ସମୟ | : | ଡିସେମ୍ବରରୁ ଏପ୍ରିଲ । |
| ଅଙ୍କୁରୋଦଗମ୍ % | : | ୬୦ ରୁ ୬୫% |



ଭେଦ, ପରିବେଶ ଏବଂ ଜଙ୍ଗଲରୁ ମିଳିଥିବା ଓ ଚାଷ ପରି ବିଭିନ୍ନ କାରଣରୁ ହୋଇଥିବା ଅଶ୍ୱଗନ୍ଧାର ଉପାଦାନରେ ଏହି ବିଭିନ୍ନତା ଦେଖା ଦେଇଥାଏ ।

## ପ୍ରଜାତି

ଅଶ୍ୱଗନ୍ଧା ସୋଲାନାସି ପରିବାରର ଅର୍ନ୍ତଭୁକ୍ତ । ୨୬ ପ୍ରକାରର ଅଶ୍ୱଗନ୍ଧା ମଧ୍ୟରୁ କେବଳ ଦୁଇଟି ପ୍ରଜାତି ଭାରତବର୍ଷରେ ଦେଖାଯାଏ । ଏଥିମଧ୍ୟରୁ ଗୋଟିଏ ପ୍ରଜାତି ପଶ୍ଚିମ ରାଜସ୍ଥାନ ଓ ପାକିସ୍ଥାନର ସୀମାବର୍ତ୍ତୀ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ । ଜାମ୍ମୁର ଆଞ୍ଚଳିକ ଗବେଷଣା କେନ୍ଦ୍ର ସହାୟତାରେ ଏବେ ଉନ୍ନତ କିସମର ଅଶ୍ୱଗନ୍ଧା ବ୍ୟାବସାୟିକ ଭିତ୍ତିରେ ଚାଷ ନିମନ୍ତେ ବଜାରକୁ ଛଡାଯାଇଛି ।

## ରସାୟନିକ ସଂରଚନା

ଅଶ୍ୱଗନ୍ଧା ମୂଳରୁ ଅନେକ ଉପାଦେୟ ଆଲ୍‌କାଲଏଡ୍ ମିଳେ । ଏଥିରୁ ପ୍ରଚୁର ମାତ୍ରାରେ ପ୍ରୋଟିନ କ୍ୟାଲସିୟମ ଏବଂ ଫସଫରସ ମିଳେ । ମୂଳ, ଡାଳ ଏବଂ ପତ୍ରରୁ କେତେକ ଅମ୍ଳ ମଧ୍ୟ ମିଳିଥାଏ । ଏତଦ୍ ବ୍ୟତୀତ ଅଶ୍ୱଗନ୍ଧାରେ ରହିଛି ପ୍ରଚୁର ପରିମାଣର ଲୌହ । ଏଥିରେ ଥିବା ହିମେଟେନିକ୍ ରକ୍ତରେ ଲୌହ ଅଂଶ ବଢାଇବାରେ ସାହାଯ୍ୟ କରେ । ପ୍ରତି ଶହେ ଗ୍ରାମ ଅଶ୍ୱଗନ୍ଧାରୁ ୭୮୯.୪ ମିଲିଗ୍ରାମ ଲୌହ ମିଳିଥାଏ । ଏହା ଅନ୍ୟ କୌଣସି ଲତାର ମୂଳରୁ ମିଳୁଥିବା ଲୌହ ଅପେକ୍ଷା ଯଥେଷ୍ଟ ମାତ୍ରାରେ ଅଧିକ । ଲୌହ ବ୍ୟତୀତ ଅଶ୍ୱଗନ୍ଧା ମୂଳରେ ପ୍ରୋନୀନ୍, ଟାୟରୋସିନ୍, ଟ୍ରିପ୍ୟୋଫେନ, ଏଲୋମିନ୍ ତଥା ଚାଇସିନ୍ ଆଦି ଆମିନୋଅମ୍ଳ ମୁକ୍ତ ଅବସ୍ଥାରେ ରହିଛି । ଲୌହ ସହିତ ମୁକ୍ତ ଆମିନୋଏସିଡ୍ ମିଳୁଥିବାରୁ ଏଥିରୁ ସର୍ବୋତ୍କୃଷ୍ଟ ହିମେଟେନିକ୍ ଟନିକ୍ ତିଆରି ହୋଇପାରୁଛି । ଚେର, କାଣ୍ଡ ତଥା ଫଳରେ ଟୈନିନ୍ ଏବଂ ଫ୍ଲେବିନାଇଡ ମଧ୍ୟ ଥାଏ ।

**କେତୋଟି ଅଧିକ ଅମଳକ୍ଷମ ଅଶ୍ୱଗନ୍ଧା ପ୍ରକାର**

- ପୋଶିତା
- ଜବାହାର ଅଶ୍ୱଗନ୍ଧା - ୨୦ (ଏହି ପ୍ରଜାତି ହେକ୍ଟର ପିଛା ୭ କୁଇଣ୍ଟାଲ ଅମଳ ହୁଏ)
- ଜବାହାର ଅଶ୍ୱଗନ୍ଧା-୧୩୪
- ଡବ୍ଲୁ. ଏସ୍. - ୨୨
- ଡବ୍ଲୁ ଏସ. ଆର୍ (ହାରାହାରୀ ହେକ୍ଟର ପିଛା ୧୦ ରୁ ୧୨ କ୍ୱିଣ୍ଟାଲ ଅମଳ ହୁଏ )

## ସାଧାରଣ ବ୍ୟବହାର

ବିଭିନ୍ନ ପ୍ରକାର ଶାରୀରିକ ଅସୁସ୍ଥତାର ଚିକିତ୍ସା ନିମନ୍ତେ ପ୍ରସ୍ତୁତ ଔଷଧରେ ଅଶ୍ୱଗନ୍ଧା ଚେର ବହୁଳ ଭାବରେ ବ୍ୟବହୃତ ହୁଏ । ଏହା କୃମିନାଶକ, ମସ୍ତିଷ୍କ ଶକ୍ତିବର୍ଦ୍ଧକ, ବ୍ୟଥାଉପଶମକାରୀ, ରକ୍ତସଫାକାରକ, ପୌରଷତ୍ୱ ବର୍ଦ୍ଧକ ଇତ୍ୟାଦି ରୂପେ ବ୍ୟବହୃତ ହୁଏ । କର୍କଟ (କ୍ୟାନସର) ରୋଗର ରଞ୍ଜନ ରଶ୍ମି ଚିକିତ୍ସାରେ ମଧ ଏହି ଔଷଧ ବ୍ୟବହୃତ ହୋଇଥାଏ । ବୟସଜନିତ ଦୁର୍ବଳତାକୁ ରୋକିବାରେ ସାହାଯ୍ୟ କରୁଥିବାରୁ ଆର୍ୟୁବେଦରେ ଏହା ରସାୟନ ବିଭାଗରେ ଅର୍ନ୍ତଭୁକ୍ତ । ସ୍ନାୟବିକ ରୋଗ, ରକ୍ତ ସଂଚାଳନ ଏବଂ ପାଚନଜନିତ ରୋଗରେ ଏହା ବ୍ୟବହାର କରାଯାଇଥାଏ । ଏହି ଚେରର ଗୁଣ୍ଡକୁ କ୍ଷୀର ସହିତ ମିଶାଇ ସେବନ କଲେ ଏହା ବୟସାଧିକ୍ୟଜନିତ ଦୁର୍ବଳତା ଏବଂ ଶ୍ୱାସ ଆଦି ରୋଗର ନିଦାନ ରୂପେ କାର୍ଯ୍ୟ କରିଥାଏ । ଏହି ଚେରର ଗୁଣ୍ଡ ଯୌନ ଦୁର୍ବଳତା, ଅନ୍ତନାଳୀରେ ଘା, ପାଚନ ପ୍ରକିୟା ସଂପର୍କିତ ରୋଗରେ ବ୍ୟବହୃତ ହୋଇଥାଏ । କ୍ଷୀଣକାୟ, ଦୁର୍ବଳ ବାଳକ-ବାଳିକାମାନଙ୍କୁ ଏହି ଚେରର ଚୂର୍ଣ୍ଣ ଦୁଧ କିମ୍ୱା ଘିଅ କିମ୍ୱା ଗରମପାଣି ସହିତ ଖାଇବାକୁ ଦେଲେ ସେମାନଙ୍କର ଦେହ ହୃଷ୍ଟପୃଷ୍ଟ ହୁଏ । ଏହି ମଞ୍ଜିର ତେଲ ଆଣ୍ଠୁଗଣ୍ଠିବାତରେ ବ୍ୟବହାର କରାଯାଏ । ବର୍ତ୍ତମାନ ଅଶ୍ୱଗନ୍ଧା ଏକ ଶକ୍ତିବର୍ଦ୍ଧକ ଭାବେ ବହୁଳଭାବେ ବ୍ୟବହୃତ ହେଉଛି । ଏହାର ମୂଳକୁ ସ୍ତ୍ରୀରୋଗ, କଫ, ଆଣ୍ଠୁଗଣ୍ଠିବାତ, ଜଳଉଦରୀ ରୋଗ ବ୍ୟତୀତ ଯୌନ ଦୁର୍ବଳତା ଦୂରକରିବା ସକାଶେ ମଧ୍ୟ ବ୍ୟବହାର କରାଯାଏ। ଶିଶିର ଋତୁରେ ଯଦି କୌଣସି ବୃଦ୍ଧ ଏହାକୁ ଏକମାସ ସେବନ କରେ ତେବେ ସେ ଯୁବକ ପରି ସ୍ୱାସ୍ଥ୍ୟବାନ୍ ହୋଇଥାଏ ।



ଘା' ଏବଂ କାଛୁ କୁଣ୍ଡିଆ ଭଲ କରିବା ନିମନ୍ତେ ଅଶ୍ୱଗନ୍ଧାର ମୂଳ ବ୍ୟବହାର କରାଯାଇଥାଏ । ଏହାକୁ ଘା' ହୋଇଥିବା ଜାଗାରେ ଲଗାଇ ଦିଆଯାଏ । ରାଜସ୍ଥାନରେ ଏହା ଅଜୀର୍ଣ୍ଣ ବା ଅଗ୍ନିମାନ୍ଦ୍ୟ ରୋଗର ନିଦାନ ନିମନ୍ତେ ବ୍ୟବହାର କରାଯାଉଥିବା ବେଳେ ପଞ୍ଜାବରେ ଏହା ଅଣ୍ଟାବିନ୍ଧାର ଔଷଧ ଭାବେ ପ୍ରଚଳିତ । ପାକିସ୍ଥାନରେ ଏହା ଗର୍ଭପାତ ନିମନ୍ତେ ଔଷଧ ରୂପେ ବ୍ୟବହୃତ ହୁଏ । ମୂଷାଙ୍କ ଉପରେ ଏହି ଚେରକୁ ପ୍ରୟୋଗ କରାଯାଇ ସେମାନଙ୍କର ପ୍ରଜନନ କ୍ଷମତାକୁ ୨୫ ପ୍ରତିଶତ କମାଇ ଦିଆଯାଇପାରିଛି । ଏହାର ଶୁଖିଲା ମୂଳକୁ ଗୁଣ୍ଡକରି ଆଖିରେ ଅଞ୍ଜନ ଭାବେ ବ୍ୟବହାର କଲେ ସୁଫଳ ମିଳିଥାଏ ।



## ପତ୍ର

ଅଶ୍ୱଗନ୍ଧାର ପତ୍ର ଅତ୍ୟନ୍ତ ପିତା । ଏହାକୁ ଜ୍ୱର ହେଲେ ଔଷଧ ଭାବେ ବ୍ୟବହାର କରାଯାଇଥାଏ । ଏହାର ପତ୍ରକୁ ବାଟି ଯୌନବ୍ୟାଧି ଯୋଗୁଁ ଉପୁଜିଥିବା କ୍ଷତରେ ପ୍ରଲେପ ଦେଲେ ଉପଶମ ମିଳିଥାଏ । ଭାରତରେ ମିଳୁଥିବା ପ୍ରଜାତିଗୁଡ଼ିକୁ ଅତ୍ୟଧିକ ପରିଶ୍ରମ ଓ ମାନସିକ ଦୁଶ୍ଚିନ୍ତାରୁ କ୍ଲାନ୍ତି ମେଣ୍ଟାଇବା ନିମନ୍ତେ ପ୍ରୟୋଗ କରାଯାଏ । ପୁରୁଷ ନପୁଂସକତା ଏବଂ ଯୌନ ଅକ୍ଷମତା ନିମନ୍ତେ ମଧ୍ୟ ଏହାର ବିପୁଳ ବ୍ୟବହାର ରହିଛି ।

## ଆର୍ୟୁବେଦାଚାର୍ଯ୍ୟମାନଙ୍କର ମତ

ବିଶିଷ୍ଟ ଆର୍ୟୁବେଦ ଡାକ୍ତର ଡାଃ ଘୋଷେଲଙ୍କ ମତରେ ଅଶ୍ୱଗନ୍ଧାର ଏକ ବିଶେଷ ଗୁଣ ରହିଛି । ଏହା ନିଦ୍ରାକାରକ । ଶରୀରରେ ଶୁକ୍ରାଣୁ ବୃଦ୍ଧି କରିବା ନିମନ୍ତେ ଏହା ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ । ଶରୀର ଉପରେ ଏହାର କୌଣସି ଅବାଞ୍ଛନୀୟ ପ୍ରଭାବ ପଡ଼ି ନ ଥାଏ । ହକିମ ଦଲ୍‌ଜିତ ସିଂହଙ୍କ ମତରେ ଅଶ୍ୱଗନ୍ଧା ପୁରୁଷର ଶୁକ୍ର ଶକ୍ତି ଯେମିତି ବୃଦ୍ଧି କରେ ସେମିତି ମହିଳାମାନଙ୍କୁ ମଧ ପ୍ରସବ ସମୟରେ ବଳପ୍ରଦାନ କରିଥାଏ ।



ଡଃ ଆର୍. ଆନ୍. ଖୋରୀଙ୍କ ଅନୁଯାୟୀ ଏହା ଯେମିତି ଶକ୍ତିବର୍ଦ୍ଧକ ସେମିତି ଅବସାଦନାଶକ । ଏହାର ମୂଳର ଚୂର୍ଣ୍ଣ କ୍ଷୀର କିମ୍ୱା ଘିଅ ସହିତ ସେବନ କଲେ ବାଳକ ବାଳିକାଙ୍କର ସ୍ୱାସ୍ଥ୍ୟ ଏବଂ ମେଧା ଉଭୟ ବୃଦ୍ଧି ପାଇଥାଏ ।

ଭାବମିଶ୍ର କହନ୍ତି :

"ଅଶ୍ୱଗନ୍ଧା ନିଲ ଶ୍ଳେଷ୍ମଶ୍ୱିତ୍ର ଶୋଥକ୍ଷୟାପହା
ବଲ୍ୟା ରସାୟନୀ ତିକ୍ତା କଷୟୋ ଷ୍ଣାତିଶୁକ୍ରଳା"

ଅର୍ଥାତ ଏହା ଶୋଥ, କ୍ଷୟଆଦି ରୋଗରେ ଯେଭଳି ଲାଭକାରୀ ସେହିଭଳି ବଳବର୍ଦ୍ଧକ ରସାୟନ ଏବଂ ଶୁକ୍ର ଉତ୍ପାଦନକାରୀ ।

## ପାରମ୍ପରିକ ବ୍ୟବହାର

- ☑ ଅଶ୍ୱଗନ୍ଧାର ପତ୍ରଗୁଡିକ ଜ୍ୱର, ଆଖିଫୁଲା ଓ ଯନ୍ତ୍ରଣାଦାୟକ ଫୁଲାରେ ବ୍ୟବହାର କରାଯାଏ
- ☑ ଏହାର ପତ୍ରକୁ କାଟି/ବାଟି ଘା' ଓ ରକ୍ତକ୍ଷରଣ ହେଉଥିବା ଗ୍ରନ୍ଥିରେ ଲଗାଯାଏ
- ☑ ଏହାର ଫଳକୁ ଦୈନନ୍ଦିନ ଖିଆଯାଏ
- ☑ ପତ୍ରକୁ କିଛି ଦିନ ପଚାଇ ରଖିଲେ ଏହା ଆଖି ରୋଗର ନିଦାନ ନିମନ୍ତେ ବ୍ୟବହୃତ ହୋଇପାରେ
- ☑ ମୂଳ ଏବଂ ପତ୍ରକୁ ମଦ ନିଶା ଛଡ଼ାଇବା ପାଇଁ ବ୍ୟବହାର କରାଯାଏ
- ☑ ପିପ୍ପଳି, ଘିଅ ଓ ତୁଳସୀ ସହିତ ମିଶାଇଲେ ଏହା ଅର୍ଶ ରୋଗର ନିଦାନ ରୂପେ କାର୍ଯ୍ୟ କରେ
- ☑ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ଦୂରକରିବା ସକାଶେ ଏହି ଚେରର ବଟାକୁ କ୍ଷୀର ଓ ଲହୁଣୀ ସହ ମିଶାଇ ୧୫ ଦିନ ଖୁଆଇଲେ ଭଲ ଫଳ ମିଳିଥାଏ
- ☑ ଅଶ୍ୱଗନ୍ଧା ଚେରକୁ ଛେଳି କ୍ଷୀର, ରାଶି ଓ ମହୁ ସହ ମିଶାଇ ଖାଇଲେ ଭଲ

## ଅଶ୍ୱଗନ୍ଧାର ବ୍ୟାବସାୟିକ ଚାଷ

ମାଟି: ବାଲିଆ ଦୋରସା କିମ୍ବା ହାଲୁକା ଲାଲ ମାଟି ଅଶ୍ୱଗନ୍ଧା ଚାଷ ପାଇଁ ଉପଯୋଗୀ । ୭.୫ ରୁ ୮ ଅମ୍ଳଯୁକ୍ତ ଏବଂ ଜଳସେଚନ ସୁବିଧା ଥିବା ମାଟିରେ ଏହି ଚାଷ ଭଲ ହୋଇଥାଏ ।

ଜଳବାୟୁ : ଅଶ୍ୱଗନ୍ଧା ବର୍ଷା ଋତୁ ଶେଷରେ ହେଉଥିବା ଏକ ଫସଲ । ଏହା ଶୁଖିଲା ପାଗ ଆବଶ୍ୟକ କରିଥାଏ । ଶୀତଦିନିଆ ଗୋଟାଏ ଦୁଇଟା ବର୍ଷା ଏହାର ମୂଳ ବୃଦ୍ଧି ନିମନ୍ତେ ସହାୟକ ହୋଇଥାଏ । ଅନ୍ୟ ଶସ୍ୟ ପାଇଁ ଅନୁପଯୁକ୍ତ ହେଉଥିବା ଜମିରେ ଏହି ଚାଷ କରାଯାଇଥାଏ ଏବଂ ଏଥିପାଇଁ ଯତ୍ନ କରିବାକୁ ହୋଇଥାଏ ।



## ଚାରା ପ୍ରସ୍ତୁତି



ଉଭୟ ସିଧାସଳଖ ମଞ୍ଜିବୁଣି ଏବଂ ତଳିପକାଇ ଚାରା ଉଭାରିବା ଦ୍ୱାରା କରାଯାଇଥାଏ ।

ଚାରା ଉଭାରିବା: ଚାରା ରୋଇ ଚାଷ କରିବା ପାଇଁ ଏକ ହେକ୍ଟର ଜମିରେ ୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜିକୁ କେଜି ପିଛା ୩ ଗ୍ରାମ୍ ଡିଥେନ୍ ଏମ୍-୪୫ ରେ ବିଶୋଧନ କରି ବୁଣାଯାଏ । ବର୍ଷା ଋତୁ ପୂର୍ବରୁ ମଞ୍ଜି ବୁଣିଦେବାକୁ ହୋଇଥାଏ । ମଞ୍ଜି ବୁଣି ଦେଇ ଏହା ଉପରେ ହାଲୁକା ମାଟି ଘୋଡାଇ ଦିଆଯାଏ । ଏହା ଦ୍ୱାରା ୬ ରୁ ୭ ଦିନ ମଧ୍ୟରେ ମଞ୍ଜିରୁ ଗଜା ବାହାରିଥାଏ । ଚାରାଗୁଡିକ ୬ ସପ୍ତାହର ହୋଇଗଲା ପରେ ୬୦ ସେଣ୍ଟିମିଟର ଚଉଡାର ସିଆରରେ ଲଗାଇ ଦିଆଯାଏ । ଦୁଇଟି ସିଆର ମଧରେ ୬୦ ସେଣ୍ଟିମିଟର ବ୍ୟବଧାନ ରହିବା ଉଚିତ । ହେକ୍ଟର ପିଛା ୨୦,୦୦୦ ରୁ ୨୫,୦୦୦ ଗଛ ରହିବା ଭଲ । ୨୫ – ୩୦ ଦିନ ଅନ୍ତରରେ ଘାସ ବାଛିବା ଦରକାର ।



ମଞ୍ଜି ବୁଣି ଚାଷ : ବର୍ଷା ଟିକିଏ କମିବା ପରେ ଅଗଷ୍ଟରୁ ସେପ୍ଟେମ୍ବର ମାସରେ ମଞ୍ଜି ବୁଣିବା ଆବଶ୍ୟକ । ଧାଡିବୁଣା କିମ୍ବା ପଟାଳି ପ୍ରଣାଳୀରେ ମଞ୍ଜି ବୁଣାଯାଇପାରେ । ବୁଣିବା ସମୟରେ ଜମିରେ ଆର୍ଦ୍ରତା ଥିବା ଦରକାର । ହାରାହାରି ୬୦ ରୁ ୬୫ ପ୍ରତିଶତ ମଞ୍ଜିରୁ ଗଛ ହୋଇଥାଏ । ମଞ୍ଜି ୬ ରୁ ୭ ଦିନ ମଧ୍ୟରେ ଗଜା ବାହାରିବା ଆରମ୍ଭ ହୁଏ ଏବଂ ମାସକ ମଧ୍ୟରେ ସବୁ ଗଜା ହୋଇଯାଇଥାଏ । ଗୋଟିଏ ହେକ୍ଟର ଜମି ନିମନ୍ତେ ୧୦ ରୁ ୧୨ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ୨୫ରୁ ୩୦ ଦିନ ମଧରେ ଯେତେବେଳେ ଚାରା ଗଛ ୨ ରୁ ୪ ପତ୍ର ବିଶିଷ୍ଟ ହୋଇଥାଏ, ଗଛରୁ ଗଛ ଦୂରତା ୧୦ ସେଣ୍ଟିମିଟର ଓ ଧାଡ଼ିକୁ ଧାଡ଼ି ୧୦ ସେଣ୍ଟିମିଟର ରଖି ଅନ୍ୟ ଗଛସବୁକୁ ଓପାଡି ପତଳା କରିଦିଆଯିବା ଉଚିତ୍ ।

ଜମି ପ୍ରସ୍ତୁତି : ଜମିକୁ ୩/୪ ଥର ହଳ କରିବାକୁ ହୋଇଥାଏ । ଏହାକୁ ଭଲ ଭାବରେ ମଇଦେଇ ମାଟିକୁ ଗୁଣ୍ଡ କରାଯାଏ । ଜମିକୁ ୬ ମିଟର ଲମ୍ବ ଓ ୪ ମିଟର ଚଉଡାର ପଟାଳିଗୁଡିକରେ ଭାଗ କରାଯାଇଥାଏ ।

ଜଳସେଚନ : ଏହା ଏକ ବର୍ଷାଦିନିଆ ଫସଲ । ତେଣୁ ଗଛ ବଡ ହେଲାପରେ ଅଳ୍ପ ଜଳସେଚନ ଆବଶ୍ୟକ ହୋଇଥାଏ । ଜଳସେଚନ ଚେରର ବୃଦ୍ଧିରେ ସାହାଯ୍ୟ କରେ ।

ଘାସ ବଛା : ଗଛ ଛୋଟ ହୋଇଥିବାବେଳେ ୨୫/୩୦ ଦିନ ଅନ୍ତରରେ ନିୟମିତ ଭାବରେ ଘାସ ବାଛିବାକୁ ହୋଇଥାଏ । କିନ୍ତୁ ଗଛ ବଡ ହୋଇଗଲା ପରେ ଆଉ ବିଶେଷ ଘାସ ବାଛିବାକୁ ପଡେ ନାହିଁ ।

ସାର ପ୍ରୟୋଗ : ଅଶ୍ୱଗନ୍ଧା ଋଷରେ ରାସାୟନିକ ସାର ପ୍ରୟୋଗ ଆବଶ୍ୟକ ହୁଏ ନାହିଁ । କାରଣ ସାର ପ୍ରୟୋଗ ଦ୍ୱାରା ମୂଳରୁ ବହୁତ ଶାଖା ବାହାରେ ଏବଂ ମୂଳଗୁଡ଼ିକ ତନ୍ତୁ ବିଶିଷ୍ଟ ହୋଇଯାଏ ଯାହା ବ୍ୟାବସାୟିକ ଦୃଷ୍ଟିକୋଣରୁ ଅନୁକୂଳ ନୁହେଁ ।

ରୋଗ ଓ ପୋକ

ଚାରା ନିମନ୍ତେ ବ୍ୟବହୃତ ମଞ୍ଜି ପଚିଯିବା ଫଳରେ ଅଶ୍ୱଗନ୍ଧାର ଅନେକ ମଞ୍ଜି ନଷ୍ଟ ହୋଇଯାଏ । ତେଣୁ ଡିଥେନ୍ - ଏମ୍-୪୫ (୦.୩%) ବ୍ୟବହାର କରି ଏହାକୁ ରୋକାଯାଇପାରେ ।

ପୋକ : କାଣ୍ଡବିନ୍ଧା ଓ ଛୋଟ ପୋକ ।

ରୋଗ : ମଞ୍ଜି ପଚା, ଶୁଷ୍କ କରିବା ରୋଗ , ପତ୍ରଶୁଖା ରୋଗ

- ଏକ ଲିଟର ପାଣିରେ ୧୦ ମିଲିଲିଟର ସୁମିସିଡିନ୍ ମିଶାଇ ପ୍ରୟୋଗ କଲେ କାଣ୍ଡ ବିନ୍ଧା ପୋକ ଦମନ ହୋଇଥାଆନ୍ତି ।
- ଶୁଖା ରୋଗକୁ ରୋକିବା ନିମନ୍ତେ ଏକ ଲିଟର ପାଣିରେ ୧୦ ମିଲିଲିଟର ଏଥିଅନ୍ ମିଶାଇ ସ୍ପ୍ରେ କରାଯାଇଥାଏ ।
- ୧ କିଲୋଗ୍ରାମ ମଞ୍ଜିକୁ ୫ ଗ୍ରାମ୍ କ୍ୟାପଟାନରେ ବିଶୋଧନ କରିବା ପରେ ବୁଣିବା । ଏକ ଲିଟର ପାଣିରେ ୩ ମିଲିଲିଟର କାଲଫୋମିନ୍ ମିଶାଇ ଏହି ମଞ୍ଜିକୁ ବୁଣିବା ପୂର୍ବରୁ ବିଶୋଧନ କରାଯାଏ ।
- ଗଛ ୩୦ ଦିନର ହେଲେ ଏଥିରେ ଡିଥେନ୍ ଏମ୍ - ୪୫ ପକାଇବା



ଆବଶ୍ୟକ । ରୋଗ ଲାଗିରହିଲେ ପ୍ରତି ୧୫ ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରାଯିବା ଦରକାର ।

ଅମଳ

ଡିସେମ୍ବର ମାସ ପରେ ଗଛରେ ଫୁଲ ଫୁଟେ ଏବଂ ଫଳ ଧରିବା ଆରମ୍ଭ ହୁଏ । ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଅଶ୍ୱଗନ୍ଧା ଅମଳ ଯୋଗ୍ୟ ହୋଇଥାଏ । ଲଗାଇବାର ୧୫୦ ରୁ ୧୮୦ ଦିନ ମଧ୍ୟରେ ଏହାକୁ ଅମଳ କରାଯାଏ । ପତ୍ର ଶୁଖିଗଲେ ଏବଂ ଫଳଗୁଡିକ ହଳଦୀ ଲାଲ ରଙ୍ଗ ଧାରଣ କଲେ ଏହା ଅମଳ ନିମନ୍ତେ ଯୋଗ୍ୟ ହେଲା ବୋଲି ଧରାଯାଏ । ଅଶ୍ୱଗନ୍ଧାର ମୂଳ ଅନ୍ୟୁନ ୧୦ ରୁ ୧୭.୫ ସେଣ୍ଟିମିଟର ଲମ୍ବା ଓ ୬ ରୁ ୧୨ ମିଲିମିଟର ଗୋଲେଇର ହୋଇଗଲେ ମୂଳକୁ ଛୋଟ ଛୋଟ ଖଣ୍ଡକରି କାଟି ଦିଆଯାଏ । କାଣ୍ଡର ଶେଷଭାଗ ମଧ୍ୟ ଏକାପରି ଦିଶେ । ତେଣୁ ପ୍ରଥମରୁ ଏହାକୁ ଅଲଗା କରି ଦିଆଯିବା ଆବଶ୍ୟକ । ଏହି ଖଣ୍ଡଗୁଡିକ ଗାଢ ବାଦାମୀ ରଙ୍ଗର ଓ ଏହାର ଭିତର ଘିଅ ରଂଗର ହୋଇଥାଏ । ଏଗୁଡିକ ସିଧା, ଶାଖା ପ୍ରଶାଖା ବିହୀନ ଏବଂ କୋନ୍ ଆକୃତିର । ମୁଖ୍ୟ ମୂଳ ସହିତ ତନ୍ତୁ ଭଳି ଶାଖା ମୂଳ ଲାଗିଥାଏ । ଏହାର ଉପରିଭାଗ ଧୂସର ହଳଦୀ ରଙ୍ଗର ହୋଇଥାଏ । ସମୁଦାୟ ଗଛକୁ ଓପାଡି ମୂଳକୁ ମାଟି ଉପରୁ ୧/୨ ସେଣ୍ଟିମିଟର ଛାଡି କାଟିଦିଆଯାଏ । ଏହା ପରେ ଏହି ଚେରଗୁଡିକୁ ସଂପୂର୍ଣ୍ଣ ଶୁଖାଇ ଦିଆଯାଏ । ନଚେତ୍ ୭ ରୁ ୧୦ ସେଣ୍ଟିମିଟର ଲମ୍ବର ଖଣ୍ଡ କରିଦିଆଯାଏ । ଗଛରୁ ଫଳଗୁଡିକୁ ତୋଳି ଶୁଖାଇ ଛେଚି ସେଥିରୁ ମଞ୍ଜି ସଂଗ୍ରହ କରାଯାଇଥାଏ । ଏକରୁ ଦୁଇ ସେଣ୍ଟିମିଟର ମୋଟା ଚେରସବୁ ସବୁଠାରୁ ଉତ୍କୃଷ୍ଟ ବୋଲି ଗଣାଯାଏ । ଗୋଟିଏ ହେକ୍ଟରରୁ ହାରାହାରି ୮ ରୁ ୧୦ କୁଇଣ୍ଟାଲ ଶୁଖିଲା ଚେର ଅମଳ ହୋଇଥାଏ ।

ଅମଳ ପରବର୍ତ୍ତୀ ପ୍ରକ୍ରିୟା (ଶ୍ରେଣୀ ବିଭାଗ ଓ ସାଇତିବା )

ଅମଳ ହୋଇଥିବା ଚେରସବୁକୁ ସଫା କରି ଶ୍ରେଣୀ ବିଭାଗ କରାଯାଇଥାଏ । ଚେରଗୁଡିକୁ ଏକ ପିଟଣା ସାହାଯ୍ୟରେ ପିଟି ସେଥିରୁ ଲାଗିଥିବା ମାଟି ଏବଂ ଗୁଚ୍ଛଚେରସବୁକୁ ଅଲଗା କରାଯାଇଥାଏ । ଏହା ପରେ ଏକ ଛୁରୀ ସାହାଯ୍ୟରେ ଚୋପା, ଚେର ଏବଂ ଲୋମକୁ ଅଲଗା କରାଯାଇଥାଏ । ଏହା ପରେ ଚେରଗୁଡିକୁ କ, ଖ, ଗ ଓ ନିମ୍ନ ଶ୍ରେଣୀ ଏହି ପରି ୪ଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

କ-ଶ୍ରେଣୀ : ୬ ସେଣ୍ଟିମିଟର ଲମ୍ବର ଚେର ଖଣ୍ଡଗୁଡିକ ଏହି ଶ୍ରେଣୀର ଅର୍ନ୍ତଭୁକ୍ତ । ଏହା ସାଧାରଣତଃ ନିଦା, ଗୋଲାକାର ଏବଂ ୧ ରୁ ୧.୫ ସେ.ମି ଗୋଲେଇ ବିଶିଷ୍ଟ ହୋଇଥାଏ । ଏହ ମସୃଣ ଏବଂ ହାଲକା ରଙ୍ଗର ହୋଇଥାଏ ।

ଖ-ଶ୍ରେଣୀ : ୫ ସେଣ୍ଟିମିଟର ଲମ୍ବର ଚେରଗୁଡିକ ଏହି ଶ୍ରେଣୀ ଅର୍ନ୍ତଭୁକ୍ତ । ଏହି ଶ୍ରେଣୀର ଚେରଗୁଡିକ ୧ ସେ.ମି. ଗୋଲେଇ ବିଶିଷ୍ଟ । ଏହି ଚେରଗୁଡିକର ଉପର ଚୋପା ଗାଢ କଳାରଂଗର ଏବଂ ଭିତର ଧଳା ରଂଗର ।

ଗ-ଶ୍ରେଣୀ : ୩ ରୁ ୪ ସେଣ୍ଟିମିଟର ଲମ୍ବ ଓ ଏକ ସେଣ୍ଟିମିଟର ଗୋଲେଇ ବିଶିଷ୍ଟ ଚେରଗୁଡିକ 'ଗ' ଶ୍ରେଣୀଭୁକ୍ତ ହୋଇଥାନ୍ତି ।

ନିମ୍ନ ଶ୍ରେଣୀ : ଛୋଟ ଚେରଗୁଡିକ ଫମ୍ପା, ପତଳା, ଭିତର ହଳଦିଆ ରଙ୍ଗର ଏବଂ ଏହା କ୍ୱଚିତ ୩ ମିଲିମିଟରରୁ ଅଧିକ ମୋଟା ହୋଇଥାଏ ।

ଉତ୍ପାଦନ

ଗୋଟିଏ ହେକ୍ଟର ଜମିରେ ୮ ରୁ ୧୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚେର ଅମଳ ହୋଇଥିବାବେଳେ ୫୦ରୁ ୭୦ କିଲୋଗ୍ରାମ ମଞ୍ଜି ଅମଳ ହୋଇଥାଏ ।

ଗୋଟିଏ ହେକ୍ଟର ଜମିରୁ ସାଧାରଣତଃ ୨୫୦ କିଲୋଗ୍ରାମ 'କ' ଶ୍ରେଣୀ ଓ ୨୫୦ କିଲୋଗ୍ରାମ 'ଖ' ଶ୍ରେଣୀ ଓ ୨୫୦ କିଲୋଗ୍ରାମ ଗ' ଶ୍ରେଣୀର ଚେର ବାହାରିଥାଏ ।

ହେକ୍ଟର ପିଛା ଆୟ ଓ ବ୍ୟୟ

ମୋଟ ବ୍ୟୟ (ହେକ୍ଟର ପିଛା): ଟ ୫୬୦୦.୦୦

ମୋଟ ଆୟ (ହେକ୍ଟର ପିଛା): ଟ ୩୦,୦୦୦.୦୦

(ବିକ୍ରୀ ମୂଲ୍ୟ- ମୂଳ ୪୦୦ କି.ଗ୍ରା @ ଟ୫୦/-ପ୍ରତି କି.ଗ୍ରା.

ମଞ୍ଜି ୫୦ କେ.ଜି @ ଟ୨୦୦/-ପ୍ରତି କି.ଗ୍ରା.)

ମୋଟ ଆୟ = ଟ ୩୦,୦୦୦ - ଟ ୫,୬୦୦.୦୦ = ଟ ୨୪,୦୦୦.୦୦

*(ଆଞ୍ଚଳିକ ଗବେଷଣା ଗାର, ଭୁବନେଶ୍ୱର ଦ୍ୱାରା ୨୦୦୧ ମସିହାରେ କରାଯାଇଥିବା ହିସାବ । ଏହି ହିସାବରେ ହେକ୍ଟର ପିଛା ମୂଳର ଉତ୍ପାଦନ ୪୦୦ କି.ଗ୍ରା. ମନେକରାଯାଇଛି)*



ଦର

ପ୍ରତିବର୍ଷ ଅଶ୍ୱଗନ୍ଧାର ବଜାର ଦରରେ ପରିବର୍ତ୍ତନ ହେଉଥିବାରୁ ଏହାର ଆୟବ୍ୟୟରେ ମଧ୍ୟ ପରିବର୍ତ୍ତନ ହୋଇଥାଏ ।

ବର୍ତ୍ତମାନର ସ୍ଥାନୀୟ ଦର

| | | |
|---|---|---|
| ରାୟପୁର | : | ୮୦ ଟଙ୍କା ପ୍ରତି କି.ଗ୍ରା |
| କୋଲକତା | : | ୮୫ ଟଙ୍କା ପ୍ରତି କି.ଗ୍ରା |
| ମୁମ୍ବାଇ | : | ୯୩ ଟଙ୍କା ପ୍ରତି କି.ଗ୍ରା |
| ମଧ୍ୟପ୍ରଦେଶ (ନିମୁଚ୍) | : | ୮୦ ରୁ ୧୦୦ ଟଙ୍କା ପ୍ରତି କି.ଗ୍ରା |
| ଦିଲ୍ଲୀ | : | ୫୮ ଟଙ୍କା ପ୍ରତି କି.ଗ୍ରା. |

| ବିଭିନ୍ନ କିସମ (ଶ୍ରେଣୀ) | | ଚେରର ବଜାର ଦର (କିଲୋଗ୍ରାମ ପିଛା) |
|---|---|---|
| 'କ'ଶ୍ରେଣୀ | : | ଟ୬୦ ରୁ ୮୦ ଟଙ୍କା-୧୦୦ଟଙ୍କା |
| 'ଖ' ଶ୍ରେଣୀ | : | ଟ ୫୦ ରୁ ୭୦ ଟଙ୍କା |
| 'ଗ' ଶ୍ରେଣୀ | : | ଟ ୪୦ ରୁ ୫୦ ଟଙ୍କା |

ଚାହିଦା

ଭାରତୀୟ ବଜାରରେ ଏହି ଔଷଧୀୟ ବୃକ୍ଷର ବାର୍ଷିକ ଚାହିଦା ପ୍ରାୟ ୨୫୦୦ ଟନ୍ ।

ଓଡ଼ିଶାରେ କଞ୍ଚା ଅଶ୍ୱଗନ୍ଧାର ବାର୍ଷିକ ଚାହିଦା

ସରକାରୀ ଔଷଧାଳୟରେ ବାର୍ଷିକ ଚାହିଦା : ୧୦୦୦ କିଲୋଗ୍ରାମ

ବେସରକାରୀ ଔଷଧାଳୟରେ ବାର୍ଷିକ ଚାହିଦା : ୨୦୦୦ କିଲୋଗ୍ରାମ

ବ୍ୟବସାୟୀମାନଙ୍କର କଞ୍ଚାମାଲ ପାଇଁ ବାର୍ଷିକ ଚାହିଦା : ୩୦୦୦ କିଲୋଗ୍ରାମ

ସମୁଦାୟ ବାର୍ଷିକ ଚାହିଦା : ୬୦୦୦ କିଲୋଗ୍ରାମ

*(ଉତ୍ସ- ଇଣ୍ଡିଆନ ମେଡିସିନ ଏବଂ ହୋମିଓପାଥି, ଓଡ଼ିଶା )*

## ଅଶ୍ୱଗନ୍ଧାର ଚାହିଦା :

| ଚାହିଦା | | ବାର୍ଷିକ ବୃଦ୍ଧି (%) |
|---|---|---|
| ୨୦୦୧-୨୦୦୨ | ୨୦୦୩-୨୦୦୪ | |
| ୭୦୨୮.୭ | ୯୧୨୭.୫ | ୯.୧ |

*(ଏମ୍.ଏଫ୍.ପି. ନିଉଜ ଲେଟର, ବର୍ଷ ୧୨, ସଂଖ୍ୟା-୩, ୨୦୦୩)*

### ବଜାର



ମଧ୍ୟପ୍ରଦେଶର ନିମୁଚ ମଣ୍ଡି ଅଶ୍ୱଗନ୍ଧା ନିମନ୍ତେ ପ୍ରମୁଖ ବଜାର ହୋଇଥିବା ବେଳେ ବମ୍ବେ, କୋଲକତା, ଦିଲ୍ଲୀ ଓ ଅମୃତସରରେ ମଧ୍ୟ ଏହାର କିଣାବିକା ହୁଏ । ଅଶ୍ୱଗନ୍ଧା ସାଧାରଣତଃ ଦୁଇଟି ପ୍ରକାରରେ ବିକ୍ରୀ ନିମନ୍ତେ ଉପଲବ୍ଧ ହୋଇଥାଏ । ଅଶ୍ୱଗନ୍ଧାର ଏକ ଗାଢ ବାଦାମୀ ରଙ୍ଗର ମଣ୍ଡ ପ୍ରସ୍ତୁତ କରାଯାଇ ବିକ୍ରୟ କରାଯାଏ ଏବଂ ଏହାକୁ ଶୁଖାଇ ପାଉଡର କରି ମଧ୍ୟ ବିକ୍ରୟ କରାଯାଏ ।

### ଚାରୋଟି ପ୍ରମୁଖ ବଜାରରେ ଅଶ୍ୱଗନ୍ଧାର ବିକ୍ରି ପରିମାଣ ଓ ଦର (ଏପ୍ରିଲ-୨୦୦୦)

| ଦିଲ୍ଲୀ | | ମୁମ୍ବାଇ | | ବାଙ୍ଗାଲୋର | | ଶିବପୁର | |
|---|---|---|---|---|---|---|---|
| ପରିମାଣ (କ୍ୱିଣ୍ଟାଲରେ) | କେଜି ପ୍ରତି ମୂଲ୍ୟ (ଟଙ୍କାରେ) କେଜି | ପରିମାଣ (କ୍ୱିଣ୍ଟାଲରେ) | କେଜି ପ୍ରତି ମୂଲ୍ୟ (ଟଙ୍କାରେ) କେଜି | ପରିମାଣ (କ୍ୱିଣ୍ଟାଲରେ) | କେଜି ପ୍ରତି ମୂଲ୍ୟ (ଟଙ୍କାରେ) କେଜି | ପରିମାଣ (କ୍ୱିଣ୍ଟାଲରେ) | କେଜି ପ୍ରତି ମୂଲ୍ୟ (ଟଙ୍କାରେ) କେଜି |
| ୧୦୦-୫୦୦ | ୪୦-୫୦ | ୫୦୦-୧୦୦୦ | ୬୦-୯୦ | ୫୦-୧୦୦ | ୨୦-୩୦ | ୫୦-୧୦୦ | ୩୨-୪୦ |



### ଭାରତରେ ଅଶ୍ୱଗନ୍ଧା ଚାଷ କରୁଥିବା କେତୋଟି ସଂସ୍ଥା

| ସଂସ୍ଥା | କେଉଁ ସ୍ଥାନରେ | ଅଞ୍ଚଳ (ଏକରରେ) | ଚାରାଉତ୍ପାଦନ/ଚାଷ/ ଚାଷ ପାଇଁ ପ୍ରୋତ୍ସାହନ |
|---|---|---|---|
| ଅନ୍ନପୂର୍ଣ୍ଣା ବାୟୋଟେକ୍ ଲିମିଟେଡ | ଆନ୍ଧ୍ରପ୍ରଦେଶ | ୨୫୦ | ଚାରା ଉତ୍ପାଦନ/ଚାଷ |
| ବୈଦ୍ୟନାଥ ଆର୍ଯ୍ୟୁବେଦ | ଶିବପୁରି, ଲଳିତପୁର, ହାଜିପୁର (ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ) | ୧୦୦ | ଚାରା ଉତ୍ପାଦନ/ଚାଷ |
| ଡାବର ଇଣ୍ଡିଆ ଲିମିଟେଡ | ଉତ୍ତରାଞ୍ଚଳ | ୭୪ | ଚାରା ଉତ୍ପାଦନ/ଚାଷ |
| ଏନ.ବି ପ୍ଲାଣ୍ଟେସନ ଲିମିଟେଡ | ମଧ୍ୟପ୍ରଦେଶ, ତାମିଲନାଡୁ | ୯୭୬୬ | ଚାରା ଉତ୍ପାଦନ/ଚାଷ |
| ହିମାଳୟ ଡ୍ରଗ କମ୍ପାନୀ | ଉତ୍ତର ଭାରତ, ତାମିଲନାଡୁ, କର୍ଣ୍ଣାଟକ | ୬୦,୦୦୦ | ଚାଷ/ଚାଷ ପାଇଁ ପ୍ରୋତ୍ସାହନ |
| ଲକି ଲାବୋରେଟୋରୀ ଲିମିଟେଡ | ଉତ୍ତରପ୍ରଦେଶ | ୫୦ | ଚାରା ଉତ୍ପାଦନ/ଚାଷ ପାଇଁ ପ୍ରୋତ୍ସାହନ |
| ଲୁପିନ ଲାବୋରେ-ଟୋରିଜ ଲିମିଟେଡ | ଋଷିକେଶ | ୫୦ | ଚାରା ଉତ୍ପାଦନ/ଚାଷ |
| ନାରାୟଣ ଦାସ ପ୍ରଜାପତି ଏନଜିଓ | ଯୋଧପୁର(ରାଜସ୍ଥାନ) | ୪୦୦ | ଚାଷ/ ପ୍ରୋତ୍ସାହନ |
| ନାଚୁରୋ ଓ୍ୱର୍ଥ ମେଡିକୋ ପ୍ଲାଣ୍ଟସ | ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ | ୧୫୦୦ | ଚାରାଉତ୍ପାଦନ/ଚାଷ |
| ସେଭ୍ ଆର୍ଥ ପ୍ଲାଣ୍ଟେସନ | ବିହାର, ହରିୟାନା | ଅନେକ ଗୁଡ଼ିଏ ଗାଁରେ ବ୍ୟାପ୍ତ | ଚାରା ଉତ୍ପାଦନ/ଚାଷ/ ଚାଷ ପାଇଁ ପ୍ରୋତ୍ସାହନ |

*(ଉତ୍ସ-ଇ.ଟି.ଏସ୍. ପବ୍ଲିକେସନ)*

କେତେକ ଅଶ୍ୱଗନ୍ଧା ବ୍ୟବସାୟୀଙ୍କ ଠିକଣା

୧. ବିଜୟ କୁମାର
ରାଜ ଆଣ୍ଡ କମ୍ପାନୀ
ବିହାଇଣ୍ଡ କାଟଜୁ ମାର୍କେଟ
ପାର୍ସି ମନ୍ଦିର ପାଖ
ନିମୁଚ୍-୪୫୮୪୪୧
ମଧ୍ୟପ୍ରଦେଶ

୨. ଏସିଆଟିକ ଆଗ୍ରୋଟେକ୍
୬, ମିଲନ୍ଦ ନଗର
ଖାମଲା
ନାଗପୁର-୪୪୦୦୨୫
ମହାରାଷ୍ଟ୍ର

୩. ଆପେକ୍ସ ଏଣ୍ଟରପ୍ରାଇଜେସ୍
ରୁମ ନଂ ୬, ଏ, ୪ର୍ଥ ମହଲା
୪୦, ଷ୍ଟ୍ରାଣ୍ଡ ରୋଡ
କୋଲକତା-୧

୪. ମୋହେବ ହର୍ବାଲ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ
ଇ ୨/୩୩୩, ଆରୋରା କୋଲୋନି
ଭୋପାଲ - ୪୬୨୦୧୬

୫. ଦିନ ଦୟାଲ ଔଷଧି (ପି) ଲିମିଟେଡ୍
ଦିନ ଦୟାଲ ମାର୍କେଟ
ଏମ.ଏଲ. ବି. ରୋଡ
ଗଓ୍ୱାଲିୟର
ମଧ୍ୟପ୍ରଦେଶ

❖❖❖

*ଆର୍.ସି.ଡ଼ି.ସି.*
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭
ଫୋନ୍ - (୦୬୭୪) ୨୫୧୦୯୮୫/୨୫୧୭୮୯୭
**www.banajata.org**

*ବଲାଙ୍ଗୀର ଅଫିସ୍*
ଆର୍.ସି.ଡ଼ି.ସି.
ପ୍ୟାଲେସ୍ ଲାଇନ୍, ବଲାଙ୍ଗୀର
ଫୋନ୍ - ୦୬୬୫୨ - ୨୩୪୮୪୨

*ଡାବୁଗାଁ ଅଫିସ୍*
ଆର୍.ସି.ଡ଼ି.ସି.
ଡାବୁଗାଁ, ନବରଙ୍ଗପୁର
ଫୋନ - ୦୬୮୬୭ - ୨୫୫୫୧୮

*ରାୟପୁର ଅଫିସ୍*
ଆର୍.ସି.ଡ଼ି.ସି.
ଶଙ୍କର ନଗର, ରାୟପୁର
ମୋବାଇଲ୍ - ୯୪୩୭୦- ୫୪୯୦୯

ଜାନୁଆରୀ ୨୦୦୪

ଜନସ୍ୱାର୍ଥ ଦୃଷ୍ଟିରୁ ଆର୍.ସି.ଡ଼ି.ସି.ଦ୍ୱାରା
ସଙ୍କଳିତ ଓ ବିତରିତ

# ଅଶ୍ୱଗନ୍ଧା

